## ରାଜନୈତିକ ସୁବିଧାବାଦକୁ ଜନତାଙ୍କ ମଞ୍ଜୁରର ନାମର ଆବରଣ ଦେବା ।

ତା.୨୨.୧୨.୨୦୧୩

**ଶ୍ରୀ ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

୧୯୭୫ ଜୁନ ମାସରୁ ୧୯୭୭ ପର୍ଯ୍ୟନ୍ତ ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତିରୁ ମୋତେ ଅନେକ କିଛି ଶିକ୍ଷା ମିଳିଅଛି । ସେତେବେଳେ ମୁଁ ଗୋଟିଏ ଛାତ୍ର ଥିଲି । ମାତ୍ର ଦେଶର ଜରୁରୀ କାଳୀନ ପରିସ୍ଥିତିକୁ ବିରୋଧ କରି ଦୀର୍ଘ ୧୯ ମାସ କାରାଗାରରେ ଥିଲି । ସେ ସମୟର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦୀରା ଗାନ୍ଧୀ ବାରମ୍ବାର କରି ତାଙ୍କ ଏକଛତ୍ର ଶାସନର, ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିବାର, ଗଣ ମାଧ୍ୟମର ଦୋଷ ତ୍ରୁଟି ସମୀକ୍ଷା କରିବାର ତଥା ପ୍ରତିଦ୍ୱନ୍ଦୀ ରାଜନେତାଙ୍କୁ କାରାଗାରରେ ଭର୍ତ୍ତି କରାଇବାର ସ୍ୱଷ୍ଟତା ଦେଉଥାଆନ୍ତି ଏବଂ ଦେଶରେ ଶୃଙ୍ଖଳା ରକ୍ଷା କରିବା ପାଇଁ ତାହାକୁ ଦମନ କରିବା ନିହାତି ଜରୁରୀ ବୋଲି କହୁଥାଆନ୍ତି । ତାହା ସହ ସେ ଦାବି କରୁଥାଆନ୍ତି କି ଦେଶର ଜନତା ତାଙ୍କୁ ସମର୍ଥନ କରୁଛନ୍ତି । ସେ ପ୍ରସ୍ତୁତ କରିଥିବା ୨୦ଟି ମୁଖ୍ୟ ବିନ୍ଦୁ ଯାହାକୁ ଏ ଦେଶର ଜନତା ସମର୍ଥନ ଦେଇଛନ୍ତି । ହେଲେ ତାହାକୁ ମାପିବାର ଉପାୟ କେଉଁଠି ଥିଲା ? ଉକ୍ତ ଜନତାଙ୍କ ମଞ୍ଜୁର ପାଇ ସେ ନିଜର ରାଜନୈତିକ ନିଷ୍ପତ୍ତି ନେବାକୁ ପଛାଇ ନଥିଲେ । ତାହାର ପରିଣାମ ସ୍ୱରୂପ ୧୯୭୭ ମସିହାରେ ଯେତେବେଳେ ଲୋକସଭା ନିର୍ବାଚନ ହୋଇଥିଲା କଂଗ୍ରେସ ଦଳ ସମ୍ପୂର୍ଣ୍ଣ ଭାବରେ ଜଡ଼ରୁ ଉଚ୍ଛେଦ ହୋଇ ଯାଇଥିଲା । ଏପରିକି ଶ୍ରୀମତୀ ଗାନ୍ଧୀ ମଧ୍ୟ ବିଜୟ ଲାଭ କରି ନଥିଲେ ।

ଏହା ଅତ୍ୟଧିକ ପ୍ରଚାରର ଏକ ପରିଣାମ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ରାଜନୈତିକ ଗଣଆନ୍ଦୋଳନକାରୀମାନେ ସବୁବେଳେ ନିଜ ମତାମତକୁ ହିଁ ଉଚିତ ମନେ କରନ୍ତି । ସରକାର ମଧ୍ୟ ନିଜେ ନିଜର ପ୍ରଚାର କରିଚାଲନ୍ତି । ଉ.ପା ସରକାର ମଧ୍ୟ ଆଜି ସେହିଭଳି ନିଜର ସାମାନ୍ୟ କିଛି କାର୍ଯ୍ୟଦକ୍ଷତାର ପ୍ରଚାର କରିବା ଦ୍ୱାରା ଦିଶାହୀନ ହେବାକୁ ଯାଉଅଛି ।

ଦିଲ୍ଲୀର ଗତ ବିଧାନ ସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ଉତ୍ତମ କାର୍ଯ୍ୟ ଦକ୍ଷତା ପରିଦର୍ଶନ କରିଅଛି । ଏହାର ବିଧି ବଦ୍ଧ ପ୍ରଚାର ଓ ନୀତି ନିୟମ ଯୁକ୍ତ ସର୍ତ୍ତାବଳି ପାଇଁ ଜନତାଙ୍କର ପ୍ରିୟ ଭାଜନ ହୋଇପାରିଛି । ଏହା ବି.ଜେ.ପି ପରେ ଦିଲ୍ଲୀରେ ଅନ୍ୟ ଏକ ସଂଖ୍ୟା ଗରିଷ୍ଠ ଦଳ ଭାବରେ ଆସନ ଲାଭ କରିଅଛି । ଯାହାର ଫଳ ସ୍ୱରୂପ ଦିଲ୍ଲୀରେ ଏକ ଝୁଲା ସରକାର ହେବାକୁ ଯାଉଅଛି । କିଛି

ଛୋଟ ଛୋଟ ରାଜନୈତିକ ଦଳର ସମର୍ଥନରେ ଯଦି କୌଣସି ସରକାର ଗଠନ କରାଯାଏ ତେବେ ତାହାର ସ୍ଥୟୀତ୍ୱ ଅନୁମାନ କରାଯାଇପାରେ । ମାତ୍ର କଂଗ୍ରେସ ଦଳ ଯେକି ଦିଲ୍ଲୀରେ ମାତ୍ର ୮ଟି ଆସନ ଲାଭ କରିଅଛି ତାହା ଏ.ଏ.ପି କୁ ସମର୍ଥନ ଦେବା ପାଇଁ ଘୋଷଣା କରିଅଛି । ପ୍ରଶ୍ନ ଉଠୁଛି ଏ.ଏ.ପି ଯେଉଁ ଆଦର୍ଶର ଦ୍ୱାହି ଦେଇ ଜନତାଙ୍କ ସାମ୍ନାରେ ନା କଂଗ୍ରେସଠାରୁ ନା ବି.ଜେ.ପି ଠାରୁ ସମର୍ଥନ ଗ୍ରହଣ କରିବ ନାହିଁ ବୋଲି ହୁଙ୍କାର ଛାଡୁଥିଲା ସେ କିପରି ନିଜେ ସରକାର ଗଠନ  କରିବା ପାଇଁ କଂଗ୍ରେସର ସମର୍ଥନ ଗ୍ରହଣ କଲା ?

ତେଣୁ ଏ.ଏ.ପି ଯେ କି ତାହାର ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ନିଜ ଆଦର୍ଶକୁ ମଧ୍ୟ ଜ୍ୱଳାଞ୍ଜଳି ଦେବାକୁ ପଛାଉନାହିଁ, ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଅଣଦେଖା କରୁଅଛି ଓ ଆଶୁ ନିର୍ବାଚନକୁ ଏଡ଼ାଇବା ପାଇଁ ନିଜ ବିରୋଧୀ ଦଳଙ୍କର ମଧ୍ୟ ହାତ ଧରି ପାରୁଛି ତାହାର ସ୍ଥାୟୀତ୍ୱ କେତେଦୂର ତାହା କଳନା କରିବା ଖୁବ ସହଜ । ସେ କିନ୍ତୁ ଜନତାଙ୍କ ଆଗରେ ପ୍ରକାଶ କରୁଅଛି କି, ସେ କଂଗ୍ରେସର ସମର୍ଥନ ଆବଶ୍ୟକ କରେନାହିଁ । ମାତ୍ର ଜନତାଙ୍କ ଆଗରେ ସେ ସରକାର ଗଢ଼ିବ ନା ନାହିଁ ବୋଲି ଯେଉଁ ପ୍ରଶ୍ନ ରଖିଥିଲା ତାହାର ଉତ୍ତରରେ ୭୦% ହଁ ଓ ୩୦% ପୁନଃ ନିର୍ବାଚନର ଆସିଅଛି । ଉକ୍ତ ଭୋଟ ପୋଲିଂ ମଧ୍ୟ ନିଜ ସମର୍ଥନ ଥିବା ସହର ମାନଙ୍କରୁ ଗ୍ରହଣ କରାଯାଇଅଛି । ତେଣୁ ଏ.ଏ.ପି ଜନତାଙ୍କ ମଞ୍ଜୁରକୁ ଦୃଷ୍ଟିରେ ରଖି ସେ ନିଜ ବିରୋଧୀ ଦଳ ସହ ମିଶି ସରକାର ଗଠନ କରୁଅଛି ବୋଲି ସ୍ପଷ୍ଟତା ଦେଇଚାଲିଛି ।

ଏହା ଜନତାଙ୍କ ମଞ୍ଜୁର ନାଆରେ ନିଜର ରାଜନୈତିକ ସବିଧା ହାସଲ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହା ଏକ ବିକଳ୍ପ ରାଜନୀତି ଆରମ୍ଭ ନା ତାହାର ପରିସମାପ୍ତିର ପୂର୍ବାଭାଷ ?